*ଡିସେମ୍ବର ୧୮,*
*ଆମ ବୈଠକଗୁଡିକର ସନ୍ଦେଶ*

"ଆମେ ଏବଂ ଆମର ପ୍ରତି ଗ୍ରୁପ୍ ବାର୍ତ୍ତାବହନ ଉପରେ ମନୋନିବେଶ କରିଥାଉ, ଏବଂ ଏହାହିଁ ଆମ ଭିତରେ ସଂଗତି ଆଣି ଦେଇଥାଏ ; ତେଣୁ ନିଶାଡିମାନେ ଆମ ଉପରେ ଭରସା କରିପାରିବେ।"

ମୂଳ ଟୀକା, ପୃଷ୍ଠା ୬୪-୬୫

ନିଶାଭ୍ୟାସ ପର୍ଯ୍ୟାୟରେ ଆମେ ଯେଉଁସବୁ ବିଚିତ୍ର କାଣ୍ଡମାନ କରିଛୁ, ସେସବୁର କାହାଣୀ ଉଦ୍ଭଟ ଲାଗିପାରେ। ନିଶା ବ୍ୟବହାର କଲାବେଳେ ଅତୀତରେ ଜୀବନ ପ୍ରତି ଆମେ ଯେଉଁ ଅଦ୍ଭୁତ ପ୍ରକାରର ମନୋଭାବ ଦେଖାଇଛୁ, ତହିଁର କାହାଣୀ ଏବେ ହୁଏତ୍ ମଜାଦାର୍ ଲାଗିପାରେ। କିନ୍ତୁ ଆମେ ବଖାଣୁଥିବା ସେହିସବୁ କାହାଣୀ ଭିତରେ ବାର୍ତ୍ତା ବଦଳରେ ବେଶୀ ଥାଏ ଏକ ବାହାଦୁରିଆ ଭାବ। ଇଶ୍ୱରଙ୍କ ପ୍ରକୃତିକୁ ନେଇ ଦାର୍ଶନିକ ବିତର୍କ କରିବା ନିଶ୍ଚିତ ରୂପେ ମୁଗ୍ଧକର। ସାଂପ୍ରତିକ ଘଟଣାକ୍ରମ ଉପରେ ବାଦାନୁବାଦ କରିବା ନିଶ୍ଚିତ ରୂପେ ମୂଲ୍ୟବାନ୍, କିନ୍ତୁ ଏହାର ସ୍ଥାନ ନୁହେଁ ଏନ୍.ଏ. ବୈଠକ।

ଯଦି କେବେ ବୈଠକଗୁଡିକ ପ୍ରତି ଆମ ଭିତରେ ବିରକ୍ତି ଭାବ ବଢିଚାଲେ ଏବଂ ଆମେ ନିଜ ଭିତରେ ଅଭିଯୋଗ କରିବସୁ, "ସେମାନେ ଜାଣିନାହାନ୍ତି, ଭାବବିନିମୟ କେମିତି କରାଯାଏ" ଅଥବା "ଏହା ଥିଲା ଆଉ ଏକ ତିକ୍ତ ଅଧିବେଶନ", ତେବେ ଏହିସବୁ ସଙ୍କେତ ସମ୍ଭବତଃ ଆମକୁ ଚେତେଇ ଦିଏ ଯେ, ଆମେ ଭଲଭାବେ ଓ ନିଷ୍ଠାର ସହ ଅନ୍ୱେଷଣ କରିବା, ପ୍ରକୃତରେ ଆମେ କେମିତି ଭାବବିନିମୟ କରିଥାଉ।

ଆମେ କେମିତି ଆରୋଗ୍ୟ ପ୍ରକ୍ରିୟା ଭିତରକୁ ଆସିଲୁ, ଏବଂ ବାରଟି ପଦକ୍ଷେପକୁ ପାଳନ କରି କେମିତି ସେହି ପ୍ରକ୍ରିୟାରେ ଅବିଚଳ ରହିପାରିଲୁ - ଏ ବିଷୟରେ ଆମେ ଯଦି ନିଜକୁ ଖୋଲି ଦେଇପାରୁ, ତେବେ ତାହାହିଁ ହେଉଛି ଆରୋଗ୍ୟର ପ୍ରକୃତ ବାର୍ତ୍ତା। ଆମେ ଯେତେବେଳେ ଗୋଟିଏ ବୈଠକକୁ ଯାଉ, ତାହା ହିଁ ସେଠାରୁ ଆଶା କରିଥାଉ। ଆମର ମୂଳ ଉଦ୍ଦେଶ୍ୟ ହେଲା, ଏବେ ବି ପୀଡା ଭୋଗୁଥିବା ନିଶାଡି ପାଖରେ ସନ୍ଦେଶ ପହୁଞ୍ଚାଇବା, ଏବଂ ଆମେ ବୈଠକଗୁଡିକରେ ଯାହାକିଛି ଚର୍ଚ୍ଚା କରିଥାଉ, ତାହା ହୁଏତ୍ ଉକ୍ତ ପ୍ରୟାସ ପାଇଁ ବେଶ୍ ସହାୟକ ବା ବଡ ବାଧକ ହୋଇପାରେ। ଏ ବିଷୟରେ ଉଭୟ ପସନ୍ଦ ଓ ଦାୟିତ୍ୱ ଆମ୍ଭ ନିଜର।

**ବାସ୍, ଆଜି ପାଇଁ ଏତିକି:** ଏନ୍.ଏ. ବୈଠକରେ ମୁଁ ମୋର ଆରୋଗ୍ୟ କାହାଣୀ ଚର୍ଚ୍ଚା କରିବି।

***December 18***
***The Message Of Our Meetings***

"The fact that we, each and every group, focus on carrying the message provides consistency; addicts can count on us."

Basic Text pg. 64-65

Tales of our antics in active addiction may be funny. Stories of our old bizarre reactions to life when using may be interesting. But they tend to carry the mess more than the message. Philosophical arguments on the nature of God are fascinating. Discussions of current controversies have their place - however, it's not at an NA meeting.

Those times when we grow disgusted with meetings and find ourselves complaining that "they don't know how to share" or "it was another whining session" are probably indications that we need to take a good, hard look at how we share.

What we share about how we got into recovery and how we stayed here through practicing the Twelve Steps is the real message of recovery. That's what we are all looking for when we go to a meeting. Our primary purpose is to carry the message to the still-suffering addict, and what we share at meetings can either contribute significantly to this effort or detract greatly. The choice, and the responsibility, is ours.

**Just for today:** I will share my recovery at an NA meeting.